# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 9 August – 2026

************************************

## ମୁଖ୍ୟ ସମ୍ବାଦ

- ହର୍ ଘର୍ ତିରଙ୍ଗା ଅଭିଯାନରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

– ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସ୍ୱାଭିମାନ ଓ ଏକତାର ନୂତନ ତରଙ୍ଗ ସୃଷ୍ଟି କରେ; କହିଲେ ମୁଖ୍ୟମନ୍ତ୍ରୀ

- ଓଡ଼ିଶା ସମେତ ୧୬ଟି ରାଜ୍ୟରେ ଆର୍ଥିକ ଦୁର୍ବଳ ବର୍ଗର ପରିବାର ପାଇଁ ପି.ଏମ୍.ଏ.ୱାଇ-୨.୦ ଅଧୀନରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ବାସଗୃହ ମଞ୍ଜୁର

- ବିଭିନ୍ନ ସରକାରୀ ବିଭାଗରେ ନବନିଯୁକ୍ତଙ୍କୁ ଆସନ୍ତାକାଲି ନିଯୁକ୍ତିପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ଭାରତ ଛାଡ଼ ଆନ୍ଦୋଳନର ସ୍ମୃତିରେ ଆଜି ପାଳନ କରାଯାଉଛି ଅଗଷ୍ଟ କ୍ରାନ୍ତି ଦିବସ

# ହର୍ ଘର୍ ତ୍ରିରଙ୍ଗା ଅଭିଯାନ

ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବ୍ୟାପୀ ଆଜିଠାରୁ ୧୭ ତାରିଖ ପର୍ଯ୍ୟନ୍ତ 'ହର ଘର ତିରଙ୍ଗା' ଅଭିଯାନ ଆରମ୍ଭ ହୋଇଛି। ଦେଶପ୍ରେମ, ଜାତୀୟ ଏକତା, ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଜାତୀୟ ପତାକା ଉତ୍ତୋଳନରେ ନାଗରିକଙ୍କୁ ଉତ୍ସାହିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' **ହର୍ ଘର୍ ତିରଙ୍ଗା ଅଭିଯାନ**ରେ ସାମିଲ ହେବାକୁ ଜନସାଧାରଣଙ୍କୁ  ଆହ୍ୱାନ ଦେଇଛନ୍ତି। ବିକଶିତ ଭାରତ ଗଠନ ଦିଗରେ ସାମୂହିକ ସଙ୍କଳ୍ପ ନେବାଲାଗି ଶ୍ରୀ ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତିରଙ୍ଗା ପତାକା ହେଉଛି ଦେଶର ଗର୍ବ ଓ ଗୌରବ। ଦେଶପାଇଁ ଏହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାପାଇଁ ନିରନ୍ତର ଉତ୍ସାହ ପ୍ରଦାନ କରିଥାଏ । ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ସହିତ ଚଳିତ ବର୍ଷ ଏହି ଅଭିଯାନକୁ ଉତ୍ସର୍ଗୀକୃତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ରାଜ୍ୟସ୍ତରୀୟ 'ହର୍ ଘର୍ ତିରଙ୍ଗା ଅଭିଯାନ'ର ଶୁଭାରମ୍ଭ କରି

ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୪୨ ମସିହା ଅଗଷ୍ଟ ମାସ ୯ ତାରିଖରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲା। ଜାତୀୟ ପତାକା ତ୍ରିରଙ୍ଗାର କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟ ପଥରେ ଆଗେଇ ଚାଲିବାର ଶିକ୍ଷା ଦେଇଥାଏ। ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମ, ସ୍ୱାଭିମାନ ଓ ଏକତାର ଏକ ନୂତନ ତରଙ୍ଗ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ସମଗ୍ର ଦେଶରେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଘର, ଅନୁଷ୍ଠାନ ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉଡ଼ାଇ ଏହି ଜାତୀୟ ପର୍ବକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ଲାଷ୍ଟିକର ବ୍ୟବହାର ନ କରିବା ସହିତ ପରିବେଶ ଅନୁକୂଳ ତ୍ରିରଙ୍ଗା ଉତ୍ସବ ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅବସରରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

Nabarangpur/Balangir./Nayagada

# ଜିଲ୍ଲା– ହର୍ ଘର୍ ତିରଙ୍ଗା

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଚସ୍ପତି ସୁରମା ପାଢ଼ି ଯୋଗଦେଇ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱର ପ୍ରତୀକ ତ୍ରିରଙ୍ଗା ପ୍ରତି ସମ୍ମାନ ପ୍ରଦର୍ଶନ ସହ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବା ଉପରେ ହର୍ ଘର୍ ତିରଙ୍ଗା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବଲାଙ୍ଗୀର ଜିଲ୍ଲାର ଲୋଇସିଂହାର ଆଗଲପୁର ବ୍ଲକରେ ଆୟୋଜିତ ତିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ନବରଙ୍ଗପୁର ଜିଲ୍ଲାରେ ଏକ ବିଶାଳ ତ୍ରିରଙ୍ଗା ର୍‍ୟାଲି ସହ 'ବନ୍ଦେ ମାତରମ୍' ଗାନକୁ ବ୍ୟାପକ ଭାବେ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଏହି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

Kendrapada/Desk

# ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ଭାରତଛାଡ଼ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ

ଆଜିର ଦିନକୁ ଦେଶବ୍ୟାପୀ **ଅଗଷ୍ଟ କ୍ରାନ୍ତିଦିବସ** ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ଼ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ ନେଇଥିଲା। ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଏହି ବୀରସେନାନୀମାନଙ୍କ ଅସମୀ ଧୌର୍ଯ୍ୟ ଓ ସାହସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯୁଗେ ଯୁଗେ ପ୍ରେରଣାର ଶ୍ରୋତ ହୋଇ ରହିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନର ଡାକରାରେ ଦେଶର ସ୍ୱାଧୀନତା ସଂଗ୍ରାମକୁ ଅମାପ ଶକ୍ତି ମିଳିଥିଲା। ଉପନିବେଶବାଦୀ ଶାସନରୁ ମୁକ୍ତି ପାଇବା ପାଇଁ

ଭାରତୀୟମାନଙ୍କ ଅତୁଟ ସଂକଳ୍ପକୁ ଏହା ପ୍ରତିଫଳିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରିବା ସହ ଦେଶର ବୀର ସେନାନୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

କେନ୍ଦ୍ରାପଡ଼ା ତିନିମୁହାଁଣି ଗାନ୍ଧିସ୍ମୃତି ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ  ଆର୍ ଆୟାର, ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କେନ୍ଦ୍ରାପଡ଼ା ପଦଯାତ୍ରାର ସ୍ମୃତିଚାରଣ କରିଥିଲେ।

Desk

## ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର ରେଳ ପ୍ରେକ୍ଷାଳୟଠାରେ ଏହି ନିଯୁକ୍ତିମେଳାର ଆୟୋଜନ କରାଯିବ।

Desk

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) PMAY-U ଏବଂ PMAY-2.0 ଅଧୀନରେ ୧ କୋଟି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଆବାସ ମଞ୍ଜୁର ହୋଇଥିବା ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ୧ କୋଟିରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥନୈତିକ ଦୁର୍ବଳ ବର୍ଗର ପରିବାରଗୁଡ଼ିକ ପାଇଁ PMAY-2.0 ଅଧୀନରେ ୨ ଲକ୍ଷ ୯ ହଜାରରୁ ଊର୍ଦ୍ଧ୍ୱ ବାସଗୃହ ମଞ୍ଜୁର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

Kataka

## ହାଇକୋର୍ଟ ବିଚାରପତି ବଦଳି

ଓଡ଼ିଶା ହାଇକୋର୍ଟର ଦୁଇଜଣ ବିଚାରପତିଙ୍କ ବଦଳିକୁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜୁରାଟ ହାଇକୋର୍ଟକୁ ଏବଂ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ କଲେଜିୟମ ସୁପାରିସ କରିଛନ୍ତି।

Nayagada

## ସ୍ୱଚ୍ଛତା ସଚେତନତା

ନୟାଗଡ଼ଠାରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ସହ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛ ସହର ଓ ସୁସ୍ଥ ସମାଜ ଗଠନ ପାଇଁ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଏକ ପ୍ରମୁଖ ଅଂଶଭାବେ ଗ୍ରହଣ କରିବାକୁ ଜିଲ୍ଲାପାଳ

ପରାମର୍ଶ ଦେଇଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀ, ସଫେଇ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

Malkangiri

## ଭୋଟର ତାଲିକା ସଂଶୋଧନ

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଚିତ୍ରକୋଣ୍ଡା ବ୍ଲକ ଗସ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି। ବୈଠକରେ ଚିତ୍ରକୋଣ୍ଡା ବ୍ଲକର ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ଅନଲାଇନ୍ ଦସ୍ତାବିଜ୍ ଦାଖଲ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ସ୍ୱଚ୍ଛ, ସମ୍ପୂର୍ଣ୍ଣ ଏବଂ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ' କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ପରାମର୍ଶ ଦେଇଛନ୍ତି।

Malkangiri/Nabarangpur

## ଜନଜାତି ଦିବସ

ନବରଙ୍ଗପୁର ଜିଲ୍ଲାରେ ଜନଜାତି ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଆଦିବାସୀ ସମାଜର ସ୍ୱାଭିମାନ, ଅଧିକାର ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡ଼କାମି, ମଙ୍ଗୁ ଖିଲୋ ପ୍ରମୁଖ ଯୋଗଦେଇ ଜନଜାତିମାନଙ୍କ ଅଧିକାର, ସାମ୍ବିଧାନିକ ସୁବିଧା ଓ ସ୍ଥାୟୀ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା।

Bhadrak

## ବନ୍ୟାଞ୍ଚଳ ପରିଦର୍ଶନ

ଭଦ୍ରକ ଜିଲ୍ଲା ସାଳନ୍ଦୀ ଓ ନାଳିଆ ନଦୀରେ ବନ୍ୟା ଆସିବାରୁ ଜିଲ୍ଲାର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ତିହିଡ଼ି ବ୍ଲକର ବାରୋ, ବିଲଣା, ବାରସର ପଞ୍ଚାୟତ ସମେତ ଚାନ୍ଦବାଲି, ଭଦ୍ରକ, ବାସୁଦେବପୁର, ଭଣ୍ଡାରୀପୋଖରୀ ଏବଂ ଧାମନଗର ଆଦି ୬ଟି ବ୍ଲକ ବିଶେଷଭାବେ ପ୍ରଭାବିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ପାନୀୟ ଜଳ, ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇ ଦେବା ପାଇଁ  ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଝାଡ଼ଖଣ୍ଡ ଉପରେ ସୃଷ୍ଟି ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟରେ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।